**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୫.୬୯ ● ପାଉଣ୍ଡ ୧୨୮.୮୩
- ୟୁରୋ ୧୧୧.୪୬ ● ୟେନ୍ ୦.୬୦

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୩,୦୫୦ (ଭୁବନେଶ୍ୱର)
- ରୁପା : ୨,୮୫,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୫,୮୬୭.୦୦
- ନିଫ୍ଟି ୨୩,୯୦୭.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦



### ୪ ଥର ଦରବୃଦ୍ଧିରେ ପେଟ୍ରୋଲ, ଡିଜେଲ ମହଙ୍ଗା

# ତେଲ କମ୍ପାନୀ ମାଲେମାଲ, ଲାଭ ୭୭,୮୦୦ କୋଟି

ନୂଆଦିଲ୍ଲୀ,୨୮।୫(ଏଜେନ୍ସି): ମଧ୍ୟପ୍ରାଚ୍ୟ ସଙ୍କଟ ମଧ୍ୟରେ ଖାଉଟିଙ୍କୁ ଲାଗିଚାଲିଛି ଝଟ୍‌କା ପରେ ଝଟ୍‌କା। କାରଣ କ୍ରମାଗତ ଭାବେ ୪ ଥର ପାଇଁ ବଢ଼ିଛି ତେଲ ଦର। ପେଟ୍ରୋଲ ଏବଂ ଡିଜେଲ ଦରରେ ଏହି ବୃଦ୍ଧି ଖାଉଟିଙ୍କ୍ ମେରୁଦଣ୍ଡ ଭାଙ୍ଗି ଦେଇଛି। ପୁନର୍ବାର ହୋଇଥିବା ଏହି ବୃଦ୍ଧି ପରେ ଡିଜେଲ ମୁଲ୍ୟ ଲିଟର ପିଛା ୧୦୦ ଟଙ୍କା ଅତିକ୍ରମ କରିଯାଇଛି। ଏହାର ପ୍ରଭାବ ଖାଉଟି ବଜାର ଉପରେ ଅନୁଭୂତ ହେବାରେ ଲାଗିଲାଣି। ଫଳ ସ୍ୱରୂପ ଅତ୍ୟାବଶ୍ୟକ ସାମଗ୍ରୀ ଦର ଆକାଶଛୁଆଁ ହୋଇଛି। ହେଲେ ଏପରି ସମୟରେ ଭାରତର ତୈଳ ବିପଣନକାରୀ କମ୍ପାନୀ (ଓଏମ୍‌ସି) ଗୁଡ଼ିକ ଭଲ ଲାଭ କରିବାରେ ଲାଗିଛି। କାରଣ କମ୍ପାନୀଗୁଡିକର କହିବା ହେଉଛି ଯେ, ସେମାନେ ପେଟ୍ରୋଲ ଏବଂ ଡିଜେଲ ବିକ୍ରିରେ ପ୍ରଚୁର କ୍ଷତି ସହୁଛନ୍ତି। ହେଲେ ୨୦୨୫-୨୬ ଆର୍ଥିକବର୍ଷରେ, ତେଲ




କମ୍ପାନୀଗୁଡ଼ିକ ୭୭,୮୨୧ କୋଟି ଟଙ୍କା ଲାଭ କରିଛନ୍ତି।

କେନ୍ଦ୍ର ସରକାର ପୂର୍ବରୁ ପେଟ୍ରୋଲ ଏବଂ ଡିଜେଲ ଉପରେ ଉତ୍ପାଦ ଶୁଳ୍କ ପ୍ରତି ଲିଟର ୧୦ଟଙ୍କା ହ୍ରାସ କରିଥିଲେ। ନିକଟରେ, କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସ୍ପଷ୍ଟ କରିଛନ୍ତି ଯେ ଏହି ଉତ୍ପାଦ ଶୁଳ୍କ ହ୍ରାସ ସରକାରଙ୍କ ପାଇଁ ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ରାଜସ୍ୱ କ୍ଷତି କରିବ। କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀ ପୂର୍ବରୁ କହିଥିଲେ ଯେ ତେଲ କମ୍ପାନୀଗୁଡ଼ିକ ପ୍ରତିଦିନ ପ୍ରାୟ ୧୦୦୦ କୋଟି ଟଙ୍କା କ୍ଷତି କରୁଛନ୍ତି। ଯଦିଓ ଓଏମ୍‌ସିଗୁଡିକ

## ଦରଦାମ୍ ତାତିରେ ଷଢ଼ୁଛନ୍ତି ଖାଉଟି

୭୭,୮୨୧ କୋଟି ଟଙ୍କା ଲାଭ ରିପୋର୍ଟ କରିଛନ୍ତି, ମଧ୍ୟପ୍ରାଚ୍ୟ ସଙ୍କଟର ପ୍ରକୃତ ପ୍ରଭାବ ବର୍ତ୍ତମାନର ଆୟରେ ସମ୍ପୂର୍ଣ୍ଣ ଭାବରେ ପ୍ରତିଫଳିତ ହୋଇନାହିଁ।

ଚଳିତମାସ ୧୫ରେ ପ୍ରଥମ ଥର ପାଇଁ କମ୍ପାନୀଗୁଡିକ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ବୃଦ୍ଧି କରିଥିଲେ। ସୋମବାର ଘରୋଇ ବଜାରରେ ପେଟ୍ରୋଲ ଲିଟର ପିଛା ୨.୬୧ ପଇସା ଏବଂ ଡିଜେଲ ୨.୭୧ ପଇସା ବୃଦ୍ଧି ଘଟିଛି। ମାତ୍ର ୧୦ ଦିନ ମଧ୍ୟରେ ତେଲ ଦର ପାଖାପାଖି ୮ ଟଙ୍କା ବଢ଼ିଛି। ତେଲ ଦରରେ ପୁନର୍ବାର ହୋଇଥିବା ଏହି ବୃଦ୍ଧି ପରେ ରାଜଧାନୀ ଦିଲ୍ଲୀରେ ପେଟ୍ରୋଲ ଦର ଲିଟର ପିଛା ୧୦୨.୧୨ ଟଙ୍କା ଏବଂ ଡିଜେଲ ୯୫.୨୦ ଟଙ୍କାରେ ପହଞ୍ଚିଛି। ସେହିପରି ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୧୦୯.୧୫ ଟଙ୍କା ଏବଂ ଡିଜେଲ ୧୦୦.୮୦ ଟଙ୍କା ହୋଇଛି। ଅପରପକ୍ଷେ ବଜାର ବିଶେଷଜ୍ଞମାନେ ଆଗାମୀ ଦିନରେ ଇନ୍ଧନ ମୂଲ୍ୟରେ ଆହୁରି ବୃଦ୍ଧି ଘଟିବା ନେଇ ପୂର୍ବାନୁମାନ କରିଛନ୍ତି। କାରଣ ତେଲ କମ୍ପାନୀଗୁଡ଼ିକ ସେମାନଙ୍କର କ୍ଷତି କମାଇବାକୁ ଚେଷ୍ଟା କରୁଛନ୍ତି। ହେଲେ ଦେଶରେ ପେଟ୍ରୋଲ ଏବଂ ଡିଜେଲ ଦର ଏପରି ସମୟରେ ବୃଦ୍ଧି ହୋଇଛି ଯେତେବେଳେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ପାଖାପାଖି ୯୧ ଡଲାରକୁ ଖସିଆସିଛି।

# ଶହେ ବିଲିୟନରୁ ଅଧିକ ସମ୍ପତ୍ତିର ମାଲିକ ଆଣ୍ଟୋନିଓ ଗ୍ରାସିଆସ୍

ନୂଆଦିଲ୍ଲୀ,୨୮।୫(ଏଜେନ୍ସି): ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ଏଲନ୍ ମସ୍କଙ୍କ ଜୀବନରେ ମଧ୍ୟ ଏମିତି ଏକ ସମୟ ଆସିଥିଲା, ଯେତେବେଳେ ତାଙ୍କ କମ୍ପାନୀ 'ଟେସଲା' ଦେବାଳିଆ ହେବା ପରିସ୍ଥିତିକୁ ଚାଲିଆସିଥିଲା। ଆଉ ଏତିକିବେଳେ ବିପଦ ସମୟର ପ୍ରକୃତ ବନ୍ଧୁ ଭାବରେ ତାଙ୍କୁ ସାହାଯ୍ୟର ହାତ ବଢ଼ାଇଥିଲେ ତାଙ୍କର ସବୁଠାରୁ ପ୍ରିୟ ବନ୍ଧୁ ଆଣ୍ଟୋନିଓ ଗ୍ରାସିଆସ୍। ସେତେବେଳେ ସେ ମସ୍କଙ୍କୁ ୧ ମିଲିୟନ ଡଲାର (ପ୍ରାୟ ୮.୫ କୋଟିରୁ ଅଧିକ ଟଙ୍କା) ଋଣ ଆକାରରେ ଦେଇଥିଲେ। ଆଉ ଆଜି ସେହି ବନ୍ଧୁତା ଯୋଗୁ ଗ୍ରାସିଆସ୍ ବିଶ୍ୱର ଶୀର୍ଷ ଧନୀଙ୍କ ତାଲିକାରେ ସାମିଲ ହେବାକୁ ଯାଉଛନ୍ତି। ରିପୋର୍ଟ ଅନୁସାରେ ମସ୍କଙ୍କ ମହାକାଶ ଗବେଷଣା ସଂସ୍ଥା 'ସ୍ପେସ୍‌ଏକ୍ସ' ର ଆଇପିଓ ଆସିବାକୁ ଯାଉଛି। ଏହି ଆଇପିଓ ମାଧ୍ୟମରେ ଆଣ୍ଟୋନିଓ ଗ୍ରାସିଆସ୍ ପ୍ରାୟ ୧୪୦ ବିଲିୟନ ଡଲାର ପାଇବାକୁ ଯାଉଛନ୍ତି। ଗ୍ରାସିଆସଙ୍କ କମ୍ପାନୀ 'ଭେଲୋର ଇକ୍ୱିଟି ପାର୍ଟନର୍ସ' ପାଖରେ ସ୍ପେସ୍‌ଏକ୍ସର ପ୍ରାୟ ୫୦୦ ମିଲିୟନରୁ ଅଧିକ କ୍ଲାସ-ଏ ଶେୟାର ରହିଛି। ଯଦି ସ୍ପେସ୍‌ଏକ୍ସର ମୂଲ୍ୟାଙ୍କନ ୧.୭୫ ଟ୍ରିଲିୟନ ଡଲାର ଛୁଇଁବା ନେଇ ଅନୁମାନ କରାଯାଉଛି। ଆଉ ଶେୟାର ମାଧ୍ୟମରେ ଗ୍ରାସିଆସ୍ ବିଶ୍ୱର ୫୦ ଜଣ ସବୁଠାରୁ ଧନୀ ବ୍ୟକ୍ତିଙ୍କ ମଧ୍ୟରେ ସ୍ଥାନ ପାଇବେ। ଚଳିତ ଶତାବ୍ଦୀର ଆରମ୍ଭରେ ସିଲିକନ ଭ୍ୟାଲିରେ ଆଣ୍ଟୋନିଓ ଗ୍ରାସିଆସ୍ ଏବଂ ଏଲନ୍ ମସ୍କଙ୍କ ମଧ୍ୟରେ ସାକ୍ଷାତ ହୋଇଥିଲା। ସେତେବେଳେ ଟେସଲା କମ୍ପାନୀ ଘୋର ଆର୍ଥିକ ସଙ୍କଟ ଦେଇ ଗତି କରୁଥିଲା। ଆଉ ଏହି ସମୟରେ ଗ୍ରାସିଆସ୍ ମସ୍କଙ୍କୁ ୧ ମିଲିୟନ ଡଲାର ଦେଇ କମ୍ପାନୀକୁ ବଞ୍ଚାଇବାରେ ସାହାଯ୍ୟ କରିଥିଲେ। ସେବେଠାରୁ ସେ ମସ୍କଙ୍କ ବିଭିନ୍ନ କମ୍ପାନୀ ଯେପରିକି ଟେସଲା, ସ୍ପେସ୍‌ଏକ୍ସ, ସୋଲାରସିଟି, ନ୍ୟୁରାଲିଙ୍କ ଏବଂ 'ଦ ବୋରିଂ କମ୍ପାନୀ'ର ବୋର୍ଡ ସଦସ୍ୟ ଭାବେ କାର୍ଯ୍ୟ କରିଆସୁଛନ୍ତି।

**ସଙ୍କଟ ସମୟରେ ଏଲନ୍ ମସ୍କଙ୍କୁ ଦେଇଥିଲେ ଋଣ**

# 'ପ୍ଲସ୍' ସବସ୍କ୍ରିପସନ୍ ଆରମ୍ଭ

ମୁମ୍ବାଇ ୨୮।୫(ଏଜେନ୍ସି); ମେଟା ହ୍ୱାଟ୍ସଆପ୍-ଇନଷ୍ଟାଗ୍ରାମ୍-ଫେସବୁକ୍‌ପାଇଁ ନୂଆ ପେଡ୍ ସବସ୍କ୍ରିପସନ୍ ପ୍ଲାନ ପ୍ରଚଳନ କରାଯାଇଛି। କମ୍ପାନୀ ସାରା ବିଶ୍ୱରେ ୟୁଜର୍ସଙ୍କ ପାଇଁ ଏହି ଯୋଜନାଗୁଡ଼ିକୁ ଆରମ୍ଭ କରିଛି। ଏହି ତାଲିକାରେ ଭାରତ ମଧ୍ୟ ଅନ୍ତର୍ଭୁକ୍ତ। ମେଟା ବର୍ତ୍ତମାନ ଏହାର ଆପ୍‌ଗୁଡ଼ିକର "ପ୍ଲସ୍" ଭର୍ସନ ଲଞ୍ଚ କରୁଛି,ଯାହା ପେଡ୍ ସବସ୍କ୍ରାଇବରମାନଙ୍କୁ ଏକ୍ସକ୍ଲୁସିଭ୍ ଟୁଲ୍ସ ଏବଂ କଷ୍ଟମାଇଜେସନ୍ ଫିଚର୍ସ ଗୁଡ଼ିକ ପ୍ରଦାନ କରିବ। ଏଗୁଡିକ ଆଉ ଫ୍ରି' ଭର୍ସନ୍ ବା ମାଗଣାରେ ଉପଲବ୍ଧ ହେବ ନାହିଁ। ଏହି ପଦକ୍ଷେପ ସ୍ପଷ୍ଟ କରେ ଯେ କମ୍ପାନୀ ଆଉ କେବଳ ବିଜ୍ଞାପନ ଉପରେ ରାଜସ୍ୱର ପ୍ରାଥମିକ ଉତ୍ସ ଭାବରେ ନିର୍ଭର କରିବାକୁ ଚାହୁଁନାହିଁ। କମ୍ପାନୀ ଏବେ ଆୟ ସୃଷ୍ଟି ପାଇଁ ଏକ ନୂତନ ରାସ୍ତା ଚିହ୍ନଟ କରିଛି। କମ୍ପାନୀ ବର୍ତ୍ତମାନ ପ୍ରିମିୟମ୍ ଫିଚର୍ସ, ଉନ୍ନତ ଉପଭୋକ୍ତା ଅଭିଜ୍ଞତା ଏବଂ ବ୍ୟାପକ ଦର୍ଶକଙ୍କ ପାଖରେ ପହଞ୍ଚିବାର କ୍ଷମତା ବଦଳରେ ମାସିକ ଦେୟ କରିବାକୁ ଚାହୁଁଛି।

ରିପୋର୍ଟ ଅନୁଯାୟୀ, ହ୍ୱାଟ୍ସଆପ୍ ଅନେକ ସ୍ୱତନ୍ତ୍ର ଫିଚର୍ସ ପ୍ରଦାନ କରିବ। ଏଥିରେ ବ୍ୟକ୍ତିଗତ ମେସେଜିଂ ଅଭିଜ୍ଞତା ଉପରେ ବିଶେଷ ଧ୍ୟାନ ରହିବ। ହ୍ୱାଟ୍ସଆପ୍ ସବ୍‌ସ୍କ୍ରାଇବର୍ କଷ୍ଟମ୍ ଥିମ୍, ଅନନ୍ୟ ରିଙ୍ଗଟୋନ୍, ପ୍ରିମିୟମ୍ ଷ୍ଟିକର୍ ଏବଂ ଅଧିକ ସଂଖ୍ୟକ ଚାଟ୍ ପିନ୍ କରିବାର ଫିଚର୍ସ ମିଳିବ। ସେହିପରି ଇନଷ୍ଟାଗ୍ରାମ ପ୍ଲସ୍ ଏବଂ ଫେସବୁକ୍ ପ୍ଲସ୍ ସବସ୍କ୍ରାଇବର୍ ଅନେକ ୟୁନିକ ଫିଚର୍ସ ପାଇବେ। ଇନଷ୍ଟାଗ୍ରାମ ପ୍ଲସ୍ ୟୁଜର୍ସ ସେମାନଙ୍କ ଷ୍ଟୋରୀ କେତେ ଥର ଦେଖାଯାଇଛି ସହଜରେ ଦେଖିପାରିବେ। ୟୁଜର୍ସ କ୍ଲୋଜ୍ ଫ୍ରେଣ୍ଡସ୍ ଫିଚରରୁ ଅଧିକ ବଢି ଅଲିମିଟେଡ୍ ଷ୍ଟୋରି ଅଡିଏନ୍ସ ଲିଷ୍ଟ ତିଆରି କରିପାରିବ ଏବଂ ବିନା ଭ୍ୟୁୟର୍ସ ଲିଷ୍ଟରେ ଦେଖାଯାଇଥିବା ଷ୍ଟୋରୀ ପ୍ରିଭ୍ୟୁ ମଧ୍ୟ ଦେଖିପାରିବେ। ୟୁଜର୍ସଙ୍କୁ ୨୪ ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ ସେମାନେ ସେମାନଙ୍କର ଷ୍ଟୋରୀ ଦେଖିବାର ଅପ୍ସନ ମିଳିବ। ଏହା ସହିତ ପ୍ରତି ସପ୍ତାହର ଗୋଟିଏ ଲେଖାଏଁ ଷ୍ଟୋରୀକୁ ସ୍ପଟ୍‌ଲାଇଟ୍ କରାଯାଇପାରିବ। ଫଳରେ ଅଧିକ ଭିଜିବିଲିଟି ପାଇପାରିବେ। ଆଉ ଏକ ସ୍ପେଶାଲ୍ ଫିଚର୍ସରେ ୟୁଜର୍ସ ସେମାନଙ୍କ ଷ୍ଟୋରୀ ଭ୍ୟୁଅର୍ସ ଲିଷ୍ଟ ସର୍ଚ୍ଚ କରିପାରିବେ ଯେ, କିଏ ସେମାନଙ୍କ ଷ୍ଟୋରୀ ଦେଖୁଛି।

**ଆଉ ମାଗଣାରେ ମିଳିବନି ହ୍ୱାଟ୍ସଆପ୍-ଇନଷ୍ଟାଗ୍ରାମ୍-ଫେସବୁକ୍‌ର ଏକ୍ସକ୍ଲୁସିଭ୍ ଟୁଲ୍ସ, କଷ୍ଟମାଇଜେସନ୍ ଫିଚର୍ସ**

### ମଧ୍ୟ ପ୍ରାଚ୍ୟ ସଙ୍କଟ ପ୍ରଭାବ; କମ୍ପାନୀଙ୍କୁ ଘାରିଲାଣି କଞ୍ଚାମାଲ ଚିନ୍ତା

# ମହଙ୍ଗା ହେବ ଖାଦ୍ୟ ସାମଗ୍ରୀ, ପର୍ସନାଲ କେୟାର ଉତ୍ପାଦ

ନୂଆଦିଲ୍ଲୀ,୨୮।୫(ଏଜେନ୍ସି): ମଧ୍ୟର ପ୍ରାଚ୍ୟ ଅସ୍ଥିରତାର ପ୍ରଭାବ ସମ୍ପ୍ରତି ଭାରତୀୟ ବଜାର ଉପରେ ପଡିବାରେ ଲାଗିଛି। ଏଥିଯୋଗୁ ଆଗାମୀ ଦିନଗୁଡିକରେ ଦୈନନ୍ଦିନ ବ୍ୟବହାର ହେଉଥିବା ଉପଭୋକ୍ତା ଦୀର୍ଘସ୍ଥାୟୀ ସାମଗ୍ରୀ ସବୁ ମହଙ୍ଗା ହୋଇପାରେ। ସିଷ୍ଟମାଟିକ୍ସ ରିସର୍ଚ୍ଚର ରିପୋର୍ଟ ଅନୁଯାୟୀ, କଞ୍ଚାମାଲର ବଢୁଥିବା ଦର କାରଣରୁ କମ୍ପାନୀଗୁଡ଼ିକ କ୍ରମାଗତ ଭାବେ ମୁଦ୍ରାସ୍ଫୀତି ଚାପରେ ଅଛନ୍ତି। ଫଳରେ ସେମାନେ ନିଜ ଉତ୍ପାଦର ମୂଲ୍ୟ ବୃଦ୍ଧି କରିବାକୁ ବାଧ୍ୟ ହୋଇପାରନ୍ତି। ରିପୋର୍ଟରେ ଦର୍ଶାଯାଇଛି ଯେ, ବିଭିନ୍ନ ବର୍ଗର କମ୍ପାନୀଗୁଡ଼ିକ ଗତ ଏକରୁ ଦୁଇ ମାସ ମଧ୍ୟରେ ହିଁ ସେମାନଙ୍କ ଉତ୍ପାଦର ଦାମ୍ ହାରାହାରି ୩% ରୁ ୭% ପର୍ଯ୍ୟନ୍ତ ବୃଦ୍ଧି କରିସାରିଛନ୍ତି। ଏହାର ମୁଖ୍ୟ କାରଣ ହେଉଛି କମ୍ପାନୀଗୁଡ଼ିକର




କଞ୍ଚାମାଲ୍ ବାସ୍କେଟ୍‌ର ଖର୍ଚ୍ଚ ହାରାହାରି ପ୍ରାୟ ୧୦% ବୃଦ୍ଧି ପାଇଛି।

ଖାଦ୍ୟ ପଦାର୍ଥ ସାମଗ୍ରୀର ମୂଲ୍ୟରେ ବୃଦ୍ଧି ଯୋଗୁ ମୁଦ୍ରାସ୍ଫୀତି ଉପରମୁହାଁ ହୋଇଛି। ଏପ୍ରିଲ ମାସର ଖୁଚୁରା ମୁଦ୍ରାସ୍ଫୀତି ୩.୪୮% କୁ ବୃଦ୍ଧି ପାଇଛି। ଏହାପୂର୍ବରୁ ମାର୍ଚ୍ଚ ମାସରେ ଏହା ୩.୪୦% ଥିଲା। ଖାଦ୍ୟ

## କମ୍ ହେବ ପ୍ୟାକେଟ୍‌ର ଓଜନ

ମୁଦ୍ରାସ୍ଫୀତି ଏପ୍ରିଲରେ ୪.୨୦% ରେ ପହଞ୍ଚିଛି। ମାର୍ଚ୍ଚ ମାସରେ ଏହି ଆକଳନ ୩.୮୭% ଥିଲା। ମୁଦ୍ରାସ୍ଫୀତିରେ ବୃଦ୍ଧି ଯୋଗୁ କମ୍ପାନୀଗୁଡ଼ିକର ଉତ୍ପାଦନ ଖର୍ଚ୍ଚ ବଢ଼ିଛି। ଉତ୍ପାଦନ ଖର୍ଚ୍ଚରେ ହୋଇଥିବା ଏହି ବୃଦ୍ଧି ବାବଦ ଖର୍ଚ୍ଚର ଭରଣା କରିବା ପାଇଁ କମ୍ପାନୀଗୁଡ଼ିକ କେବଳ ଦାମ୍ ନୁହେଁ ବରଂ 'ଗ୍ରାମେଜ୍ କଟ୍' ଅର୍ଥାତ୍ ପ୍ୟାକେଟର ଓଜନ ହ୍ରାସ କରିବାର ଉପାୟ ମଧ୍ୟ ଆପଣେଇ ପାରନ୍ତି। ରିପୋର୍ଟ ଅନୁଯାୟୀ, କେତେକ ନିର୍ଦ୍ଦିଷ୍ଟ ବିଭାଗରେ ଖର୍ଚ୍ଚ ଅତି ଦ୍ରୁତ ଗତିରେ ବୃଦ୍ଧି ପାଇଛି। ପଶ୍ଚିମ ଏସିଆରେ ଲାଗି ରହିଥିବା ତିକ୍ତତା ମଧ୍ୟରେ ବ୍ରେଣ୍ଟ କ୍ରୁଡ୍ ଅଏଲ୍ (ଅଶୋଧିତ ତୈଳ) ର ଦାମ୍ ୩୨% ପର୍ଯ୍ୟନ୍ତ ଉପରକୁ ଉଠିଛି। ସେହିପରି ପାମ୍ ଅଏଲ୍ ଦାମ୍ ମଧ୍ୟ ୧୧% ବୃଦ୍ଧି ପାଇଛି। ଶାମ୍ପୁ ବୋତଲ, ଡିଟରଜେଣ୍ଟ କଣ୍ଟେନର ଏବଂ ଫ୍ଲେକ୍ସିବଲ୍ ପ୍ୟାକେଜିଂରେ ବ୍ୟବହୃତ ହେଉଥିବା ପ୍ଲାଷ୍ଟିକ୍‌ର ଦାମ୍ ୫୬% ପର୍ଯ୍ୟନ୍ତ ବଢ଼ିଯାଇଛି। କଞ୍ଚାମାଲ ଜନିତ ଏହି ମହଙ୍ଗା ମାଡ଼ର ପ୍ରଭାବ ମାର୍ଚ୍ଚ ତ୍ରୈମାସିକରେ ହିଁ ଦେଖାଯିବା ଆରମ୍ଭ ହୋଇଥିଲା, ଯେତେବେଳେ କି ବଡ଼ ବଡ଼ କମ୍ପାନୀଗୁଡ଼ିକର ଗ୍ରସ୍ ମାର୍ଜିନ୍ ହ୍ରାସ ପାଇଥିଲା। ବାର୍ଷିକ ଆଧାରରେ ଏହା ୦.୫୦% କମିଛି। ବର୍ତ୍ତମାନର ଏହି ମୁଦ୍ରାସ୍ଫୀତିର ସବୁଠାରୁ ବଡ଼ ପ୍ରଭାବ ଆର୍ଥିକବର୍ଷ ୨୦୨୭ର ପ୍ରଥମାର୍ଦ୍ଧ ରେ ଦେଖିବାକୁ ମିଳିବ। ଯିବ। ବର୍ତ୍ତମାନର ଖର୍ଚ୍ଚ ବୃଦ୍ଧିର ଭରଣା କରିବା ପାଇଁ କମ୍ପାନୀଗୁଡ଼ିକ ସେମାନଙ୍କ ସାମଗ୍ରୀର ଦାମ୍ ବଢ଼ାଉଛନ୍ତି। କିନ୍ତୁ ମୁଦ୍ରାସ୍ଫୀତି ଏତେ ଅଧିକ ରହିଛି ଯେ ୨୦୨୬-୨୭ ବର୍ଷରେ କମ୍ପାନୀଗୁଡ଼ିକର ମୋଟ ଲାଭ କମ୍ ରହିବାର ଆଶଙ୍କା ଲାଗିରହିଛି। ରିପୋର୍ଟରେ ଏହି ଚେତାବନୀ ମଧ୍ୟ ଦିଆଯାଇଛି ଯେ, ବଢୁଥିବା ରିଟେଲ୍ ମୁଦ୍ରାସ୍ଫୀତି କାରଣରୁ ଆଗାମୀ ମାସଗୁଡ଼ିକରେ ମୋଟ ଖର୍ଚ୍ଚ ଉପରେ ଖରାପ ପ୍ରଭାବ ପଡ଼ିପାରେ।

# ଆଇବିସିକୁ ପୂରିଲା ୧୦ ବର୍ଷ

ନୂଆଦିଲ୍ଲୀ,୨୮।୫(ଏଜେନ୍ସି): ୨୦୧୬ରେ କାର୍ଯ୍ୟକାରୀ ହୋଇଥିବା ପରିଶୋଧ ଅକ୍ଷମତା ଏବଂ ଦେବାଳିଆ ସଂହିତା (ଆଇବିସି)କୁ ୧୦ ବର୍ଷ ପୂରଣ ହୋଇଛି। କାର୍ଯ୍ୟକାରୀ ହେବାର ଏକ ଦଶନ୍ଧି ପରେ, ଏହି ସଂହିତା କେବଳ ଏକ ଆଇନଗତ ସଂସ୍କାର ଭାବରେ ଉଭା ହୋଇ ନାହିଁ, ବରଂ ଋଣ ବଜାର, କର୍ପୋରେଟ୍ ବ୍ୟବହାର , ନିବେଶକଙ୍କ ବିଶ୍ୱାସ ଏବଂ ଆର୍ଥିକ ଦକ୍ଷତା ପାଇଁ ସୁଦୂରପ୍ରସାରୀ ପ୍ରଭାବ ସହିତ ଏକ ଢାଞ୍ଚାଗତ ପରିବର୍ତ୍ତନ ଆଣିଛି । ଏକ ଯୁଗାନ୍ତକାରୀ ସଂସ୍କାର ରୂପେ ଏହି ସଂହିତା ପ୍ରଶଂସିତ ହୋଇଛି। ଦେଶରେ ବିଚ୍ଛିନ୍ନ ଅବସ୍ଥାରେ ରହିଥିବା ପରିଶୋଧ ଅକ୍ଷମତା ସମାଧାନ ଢାଞ୍ଚାକୁ ଏକୀକୃତ ଏବଂ ଆଧୁନିକ କରିବା ଉଦ୍ଦେଶ୍ୟରେ ଏହାକୁ ଲାଗୁ କରାଯାଇଥିଲା। ଏହାର କାର୍ଯ୍ୟକାରିତା ଫଳରେ ଅସୁଲି ବ୍ୟବସ୍ଥାରେ ଉନ୍ନତି ଆସିଛି, ଦାୟିତ୍ୱପୂର୍ଣ୍ଣ ଋଣ ଅଭ୍ୟାସକୁ ପ୍ରୋତ୍ସାହିତ କରାଯାଇଛି। ଭାରତର ଆର୍ଥିକ ଏବଂ ଆଇନଗତ ବ୍ୟବସ୍ଥାରେ ବିଶ୍ୱାସ ବୃଦ୍ଧି ପାଇଛି। ମାର୍ଚ୍ଚ ୨୦୨୬ ସୁଦ୍ଧା ୧୪୧୯ ମାମଲାରେ ସମାଧାନ ଯୋଜନା ଫଳପ୍ରଦ ହୋଇଛି ଯାହା ଏହି ସଂହିତାର ପ୍ରଭାବକୁ ସ୍ପଷ୍ଟ କରିଥାଏ। ସମାଧାନ ପ୍ରକ୍ରିୟା ଋଣଦାତାମାନଙ୍କ ପାଇଁ ୪ ଲକ୍ଷ କୋଟି ଟଙ୍କାରୁ ଅଧିକ ଆଦାୟକୁ ସହଜ କରିଛି। ଋଣଦାତାମାନଙ୍କ ପାଇଁ ଏହି ଅସୁଲି ସେମାନଙ୍କର ଉଚିତ୍ ଏବଂ ପରିଶୋଧ ମୂଲ୍ୟ ତୁଳନାରେ ଯଥାକ୍ରମେ ୯୫% ଏବଂ ୧୬୭%।

**ପୂର୍ବତନ ଆର୍‌ବିଆଇ ଗଭର୍ଣ୍ଣରଙ୍କ ମତ**

# ସରକାର ଟଙ୍କାକୁ ଖସିବାକୁ ଦେବା ଉଚିତ୍

ନୂଆଦିଲ୍ଲୀ,୨୮।୫(ଏଜେନ୍ସି): ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପୂର୍ବତନ ଗଭର୍ଣ୍ଣର ଡି. ସୁବ୍ବାରାଓ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରା ଟଙ୍କାର ବିନିମୟ ମୂଲ୍ୟାରେ ହ୍ରାସ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୟାନ ଦେଇଛନ୍ତି। ସେ କହିଛନ୍ତି ଯେ ସରକାରଙ୍କୁ ଟଙ୍କାକୁ ଆହୁରି ତଳକୁ ଖସିବାକୁ ଦେବା ଉଚିତ। ତାଙ୍କର ଏହି ବୟାନ ଆସନ୍ତା ମାସ ଆରମ୍ଭରେ ହେବାକୁ ଥିବା ମୁଦ୍ରାନୀତି କମିଟି ବୈଠକ ପୂର୍ବରୁ ଆସିଛି। ସୁବ୍ବାରାଓ କହିଛନ୍ତି ଯେ ବାହ୍ୟ ଆଘାତର ମୁକାବିଲା ପାଇଁ କେନ୍ଦ୍ରୀୟ ବ୍ୟାଙ୍କ ଟଙ୍କାକୁ ଆହୁରି ଖସିବାକୁ ଦେବା ଉଚିତ। ଯଦି ମୁଦ୍ରାସ୍ଫୀତି ଚାପ ବୃଦ୍ଧି ପାଏ, ତେବେ ତୁରନ୍ତ ସୁଧ ହାର ବୃଦ୍ଧି କରିବା ପରିବର୍ତ୍ତେ ଲିକ୍ୟୁଡିଟି (ତରଳତା) ପରିଚାଳନା ପଦକ୍ଷେପ ଉପରେ ନିର୍ଭର କରାଯିବା ଉଚିତ। ସୁବ୍ବାରାଓଙ୍କ ଏହି ବୟାନ ଜୁନ୍ ୩ ରୁ ୫ ତାରିଖ ମଧ୍ୟରେ ହେବାକୁ ଥିବା ଆର୍‌ବିଆଇ ର ମୁଦ୍ରା ନୀତି କମିଟି (ଏମ୍‌ପିସି)ର ଗୁରୁତ୍ୱପୂର୍ଣ୍ଣ ବୈଠକର କିଛି ଦିନ ପୂର୍ବରୁ ଆସିଛି। ଏହି ବୈଠକ ପଶ୍ଚିମ ଏସିଆ ସଙ୍କଟ ଯୋଗୁଁ ବୃଦ୍ଧି ପାଉଥିବା ଅଶୋଧିତ ତୈଳ ମୂଲ୍ୟ ଏବଂ ମୁଦ୍ରାସ୍ଫୀତି ଉପରେ ବିଶେଷ ଭାବେ ଆଲୋଚନା କରିବା ପାଇଁ ହେଉଛି। ସୁବ୍ବାରାଓ କହିଛନ୍ତି ଯେ ଟଙ୍କାକୁ ଶକ୍ତି ସହିତ ରକ୍ଷା କରିବା ପରିବର୍ତ୍ତେ, ଏହାକୁ ବଜାର ଚାପ ସହିତ ଖାପ ଖୁଆଇବାକୁ ଦିଆଯିବା ଉଚିତ, କାରଣ ବର୍ତ୍ତମାନର ଚାପ ଭାରତର ବାହ୍ୟ ସନ୍ତୁଳନରେ ଅବନତିକୁ ପ୍ରତିଫଳିତ କରେ। ସେ କହିଛନ୍ତି ଯେ ଏକ ଦୁର୍ବଳ ଟଙ୍କା ବାହ୍ୟ ସଙ୍କଟକୁ ଅବଶୋଷିତ କରିବା ପାଇଁ ଏକ ପ୍ରାକୃତିକ ଆଘାତ ଅବଶୋଷକ ଭାବରେ କାର୍ଯ୍ୟ କରେ। ଭୌଗୋଳିକ ରାଜନୈତିକ ଉତ୍ତେଜନା ଏବଂ ଉଚ୍ଚ ଅଶୋଧିତ ତୈଳ ମୂଲ୍ୟ ଯୋଗୁଁ ଭାରତୀୟ ଟଙ୍କା ନିରନ୍ତର ଚାପରେ ରହିଛି। ଏହି ମାସ ଆରମ୍ଭରେ ଆମେରିକୀୟ ଡଲାର ତୁଳନାରେ ଟଙ୍କା ୯୭.୧୫ ଟଙ୍କାର ରେକର୍ଡ ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ପଶ୍ଚିମ ଏସୀୟ ସଙ୍କଟ ଆରମ୍ଭ ହେବା ପରଠାରୁ ଟଙ୍କା ମୂଲ୍ୟ ପ୍ରାୟ ୫% ହ୍ରାସ ପାଇଛି। ୨୦୨୬ ଆରମ୍ଭରୁ ଟଙ୍କା ୬% ରୁ ଅଧିକ ହ୍ରାସ ପାଇଛି।

ଗତ ବର୍ଷ ମଧ୍ୟରେ ଟଙ୍କା ୧୦% ରୁ ଅଧିକ ହ୍ରାସ ପାଇଛି। ସୁବ୍ବାରାଓଙ୍କ ଅନୁଯାୟୀ, ଆର୍‌ବିଆଇ ବର୍ତ୍ତମାନ ଅର୍ଥନୈତିକ ଅଭିବୃଦ୍ଧି, ମୁଦ୍ରାସ୍ଫୀତି ଏବଂ ମୁଦ୍ରା ସ୍ଥିରତା ମଧ୍ୟରେ ଏକ ଅତ୍ୟନ୍ତ କଷ୍ଟକର ସନ୍ତୁଳନର ସମ୍ମୁଖୀନ ହେଉଛି। ସେ କହିଛନ୍ତି ଯେ ସୁଧ ହାରରେ ଆହୁରି ହ୍ରାସ ମୁଦ୍ରାସ୍ଫୀତି ବଢ଼ାଇପାରେ।

# ମାଟିରେ ମିଶିଲା ୨୨ ବିଲିୟନ ଡଲାରର ବାଇଜୁସ୍ ସାମ୍ରାଜ୍ୟ

ନୂଆଦିଲ୍ଲୀ,୨୮।୫(ଏଜେନ୍ସି): ବାଇଜୁସ୍ ପ୍ରତିଷ୍ଠାତା ବାଇଜୁ ରବୀନ୍ଦ୍ରନଙ୍କୁ ଅଦାଲତ ଅବମାନନା ମାମଲାରେ ୬ ମାସର ଜେଲ୍ ଦଣ୍ଡ ହୋଇଛି। ଏକ ସମୟରେ ଭାରତୀୟ ଷ୍ଟାର୍ଟଅପ୍ ବିଶ୍ୱର ଶିକ୍ଷା ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ବିଶ୍ୱର ଅଗ୍ରଣୀ କମ୍ପାନୀ ଭାବରେ ପରିଚିତ ଥିବା ବାଇଜୁସ୍ ଆଜି ନିଜର ଅସ୍ତିତ୍ୱ ରକ୍ଷା ପାଇଁ ସଂଘର୍ଷ କରୁଛି। ୨୨ ବିଲିୟନ ଡଲାର (ପ୍ରାୟ ୧.୮ ଲକ୍ଷ କୋଟି ଟଙ୍କା) ମୂଲ୍ୟର ସାମ୍ରାଜ୍ୟ ଛିଡ଼ା କରିଥିବା ଏହି କମ୍ପାନୀର ମୂଲ୍ୟ ଆଜି ପ୍ରାୟ ଶୂନ୍ୟରେ ପହଞ୍ଚିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଅତ୍ୟଧିକ ଲୋଭ, ଖରାପ ପରିଚାଳନା ଏବଂ ଋଣ ପାହାଡ଼ ତଳେ ବାଇଜୁସ୍‌ର ଏହି ବିଶାଳ ସାମ୍ରାଜ୍ୟ ଏବେ ପତନମୁଖୀ।

ବୁଧବାର ସିଙ୍ଗାପୁର କୋର୍ଟ ରବୀନ୍ଦ୍ରନଙ୍କୁ ତାଙ୍କ ସମ୍ପତ୍ତି ସମ୍ବନ୍ଧୀୟ ତଥ୍ୟ ପ୍ରଦାନ ନ କରିବା ଏବଂ କୋର୍ଟଙ୍କ ଆଦେଶକୁ ବାରମ୍ବାର ଖିଲାପ କରିଥିବା କାରଣରୁ ୬ ମାସର ଜେଲ୍ ଦଣ୍ଡାଦେଶ ଦେଇଛନ୍ତି। ଏହି ମାମଲାଟି 'କତାର ଇନଭେଷ୍ଟମେଣ୍ଟ ଅଥରିଟି'ର ଏକ ସହଯୋଗୀ କମ୍ପାନୀ ଦ୍ୱାରା ରୁଜୁ କରାଯାଇଥିଲା। କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ ରବୀନ୍ଦ୍ରନ ତୁରନ୍ତ ସିଙ୍ଗାପୁର କର୍ତ୍ତୃପକ୍ଷଙ୍କ ନିକଟରେ ଆତ୍ମସମର୍ପଣ କରିବେ। ଆଇନଗତ ଖର୍ଚ୍ଚ ବାବଦକୁ ତାଙ୍କୁ ୯୦,୦୦୦ ସିଙ୍ଗାପୁର ଡଲାର (ପ୍ରାୟ ୬୭ ଲକ୍ଷ ଟଙ୍କା) ପୈଠ କରିବାକୁ ହେବ। ତାଙ୍କୁ 'ବିଆର୍ ଇନଭେଷ୍ଟକୋ ପ୍ରାଇଭେଟ୍ ଲିମିଟେଡ୍' ନାମକ କମ୍ପାନୀର ମାଲିକାନା ପ୍ରମାଣପତ୍ର ଦାଖଲ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଅନୁଯାୟୀ, ଏହି ବିଚାର ସମୟରେ ବାଇଜୁ ରବୀନ୍ଦ୍ରନ କୋର୍ଟରେ ଉପସ୍ଥିତ ନ ଥିଲେ ଏବଂ ସେ ବର୍ତ୍ତମାନ ଦୁବାଇରେ ରହୁଥିବା ଜଣାପଡିଛି। ତେବେ ଏହି ରାୟ ପରେ ପ୍ରତିକ୍ରିୟାରେ ରବୀନ୍ଦ୍ରନ୍ କହିଛନ୍ତି ଯେ ଏହା କେବଳ ଏକ "ପ୍ରକ୍ରିୟାଗତ ଅବମାନନା" ଏବଂ ଏଥିରେ କୌଣସି ଆର୍ଥିକ ଠକେଇ ବା ଅସାଧୁତାର

## ଅତ୍ୟଧିକ ଲୋଭ ଏବଂ ଋଣ

ପ୍ରମାଣ ନାହିଁ। ନିବେଶକମାନଙ୍କ ସହ ଏକ ଆପୋଷ ବୁଝାମଣା ଚୂଡ଼ାନ୍ତ ପର୍ଯ୍ୟାୟରେ ଥିବାବେଳେ ଏପରି ଏକ ଆଦେଶ ତାଙ୍କୁ ନିରାଶ କରିଛି। ବାଇଜୁସର ଉତ୍ଥାନ କାହାଣୀ ବେଶ୍ ରୋମାଞ୍ଚକର ଥିଲା। କେରଳର ଜଣେ ସାଧାରଣ ଗଣିତ ଶିକ୍ଷକ ବାଇଜୁ ରବୀନ୍ଦ୍ରନ ନିଜର ପଢ଼ାଇବା ଶୈଳୀ ପାଇଁ ଖୁବ୍ ଲୋକପ୍ରିୟ ଥିଲେ। ପିଲାମାନଙ୍କୁ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ କରୁ କରୁ ସେ ଏକ ସ୍ମାର୍ଟଫୋନ୍ ଆପ୍ଲିକେସନ୍ ମାଧ୍ୟମରେ ଘରେ ଘରେ ପହଞ୍ଚିବାକୁ ଲକ୍ଷ୍ୟ ରଖିଲେ। ୨୦୨୦ ରେ ଆସିଥିବା କୋଭିଡ୍-୧୯ ମହାମାରୀ ବାଇଜୁସ୍ ପାଇଁ ଏକ ବରଦାନ ସାବ୍ୟସ୍ତ ହେଲା। ସ୍କୁଲ୍ ଏବଂ କଲେଜ ବନ୍ଦ ଥିବାବେଳେ ଅନଲାଇନ୍ ଶିକ୍ଷା ଏକମାତ୍ର ବିକଳ୍ପ ପାଲଟିଲା। ଏହି ସମୟରେ ବାଇଜୁସର ସକ୍ରିୟ ବ୍ୟବହାରକାରୀଙ୍କ ସଂଖ୍ୟା ୧୫ କୋଟି ପାର୍ କରିଥିଲା। ବିଶ୍ୱର ବଡ଼ ବଡ଼ ନିବେଶକମାନେ କମ୍ପାନୀ ଉପରେ ଅର୍ଥର ବର୍ଷା କଲେ। ଶାହରୁଖ ଖାନ୍ ଏବଂ ଲିଓନେଲ୍ ମେସିଙ୍କ ଭଳି ତାରକାଙ୍କୁ ବ୍ରାଣ୍ଡ ଆମ୍ବାସାଡର୍ କରାଗଲା। ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ ଓ ଫିଫା ବିଶ୍ୱକପ୍ ବାଇଜୁସ୍ ବହୁଳ ଅର୍ଥ ଖର୍ଚ୍ଚ କରି ପ୍ରାୟୋଜକ ସାଜିଲା। ବଜାରରେ ଏକଚାଟିଆ ଆଧିପତ୍ୟ ବିସ୍ତାର କରିବା ପାଇଁ ବାଇଜୁସ୍ 'ଆକାଶ ଏଜୁକେସନାଲ୍ ସର୍ଭିସେସ୍', 'ହ୍ୱାଇଟ୍ ହ୍ୟାଟ୍ ଜୁନିଅର୍', ଏବଂ 'ଗ୍ରେଟ୍ ଲର୍ଣ୍ଣିଂ' ଭଳି ଅନେକ କମ୍ପାନୀକୁ ଉଚ୍ଚ ମୂଲ୍ୟରେ କିଣିବାକୁ ଲାଗିଲା। ଏହା ପାଇଁ କମ୍ପାନୀ ବିଦେଶୀ ନିବେଶକଙ୍କ ଠାରୁ ପ୍ରାୟ ୧.୨ ବିଲିୟନ ଡଲାର (ପ୍ରାୟ ୧୦,୦୦୦ କୋଟି ଟଙ୍କା) ର ଏକ ବୃହତ୍ ଋଣ ଆଣିଥିଲା।

କମ୍ପାନୀ ନିଜର ଆର୍ଥିକ ବିବରଣୀ ଠିକ୍ ସମୟରେ ଦାଖଲ କରିବାରେ ବାରମ୍ବାର ବିଫଳ ହେଲା। ବର୍ତ୍ତମାନ କମ୍ପାନୀ ଉପରେ କର୍ମଚାରୀମାନଙ୍କର ପ୍ରାୟ ୮,୨୪୫ କୋଟି ଟଙ୍କାର ବକେୟା ରହିଛି ଏବଂ ଅନେକ କର୍ମଚାରୀଙ୍କୁ ମାସ ମାସ ଧରି ଦରମା ମିଳିନାହିଁ। ବାଇଜୁ ରବୀନ୍ଦ୍ରନଙ୍କ ସମସ୍ୟା କେବଳ ସିଙ୍ଗାପୁରରେ ସୀମିତ ନାହିଁ। ଆମେରିକାରେ ମଧ୍ୟ ୧.୨ ବିଲିୟନ ଡଲାର ଋଣର ଖିଲାପ ପାଇଁ ସେ କୋର୍ଟରେ ପରାଜୟର ସମ୍ମୁଖୀନ ହୋଇଛନ୍ତି। ବିଦେଶୀ ନିବେଶକମାନେ ରବୀନ୍ଦ୍ରନଙ୍କ ଉପରେ ପାଣ୍ଠି ଲୁଚାଇବା ନେଇ ଗୁରୁତର ଅଭିଯୋଗ ଆଣିଛନ୍ତି। ଦିନେ ଯେଉଁ ନିବେଶକମାନେ ତାଙ୍କ ଉପରେ ଆଖି ବୁଜି କୋଟି କୋଟି ଟଙ୍କା ଲଗାଉଥିଲେ, ଆଜି ସେମାନେ ହିଁ ତାଙ୍କୁ ଜେଲ୍ ପଠାଇବାକୁ ଅଦାଲତର ଦ୍ୱାରସ୍ଥ ହୋଇଛନ୍ତି। ବାଇଜୁସ୍‌ର ଏହି ବିପର୍ଯ୍ୟୟ ସମଗ୍ର ଭାରତୀୟ ଏଡଟେକ୍ କ୍ଷେତ୍ର ପାଇଁ ଏକ ବଡ଼ ଝଟକା ସଦୃଶ। ହେଲେ ଏତେ ସବୁ ଅଘଟଣ ପରେ ବି ବାଇଜୁ ରବୀନ୍ଦ୍ରନ ନିରାଶ ହୋଇ ନାହାଁନ୍ତି। ତାଙ୍କର ଘନିଷ୍ଠ ସହଯୋଗୀଙ୍କ ସୂତ୍ରରୁ ଜଣାପଡିଛି ଯେ, ସେ ଏବେ ବି ଆଶାବାଦୀ ଅଛନ୍ତି ଏବଂ ପୁଣିଥରେ କମ୍ପାନୀକୁ ଗଭୀର ସଙ୍କଟରୁ ଉଦ୍ଧାର କରିବାକୁ ଲକ୍ଷ୍ୟ ରଖିଛନ୍ତି।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଡା. ଆନନ୍ଦ ଚନ୍ଦ୍ର ପ୍ରଧାନ
ବାଘଧରିଆ, ହିନ୍ଦୋଳ
ଆବିର୍ଭାବ - ୧୭.୦୨.୧୯୪୪
ତିରୋଧାନ -୧୯.୦୫.୨୦୨୬
ଆପଣଙ୍କ ଅବର୍ତ୍ତମାନରେ ଆଜିକୁ ଏଗାର ଦିନ ବିତିଗଲା। ଆପଣଙ୍କ ଅନୁପସ୍ଥିତିକୁ ପ୍ରତି ମୁହୂର୍ତ୍ତ ରେ ଆମ୍ଭେମାନେ ଅନୁଭବ କରୁଛୁ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲ ପାଇବା ପ୍ରତ୍ୟେକ ମୁହୂର୍ତ୍ତରେ ମନେପଡୁଛି, ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ଆପଣଙ୍କ ଅମର ଆତ୍ମା ସଦଗତି ହେଉ।
- ଶୋକସନ୍ତପ୍ତ -
ଝିଅ - ଲିଲି, ଜୁଲି, ପୁତ୍ର- ଲିପୁ,
ବନ୍ଧୁବାନ୍ଧବ ଓ ପରିବାର ବର୍ଗ

